بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୮ ସେପ୍ଟେମ୍ବର ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

# ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପରିପ୍ରେକ୍ଷୀରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନର ବିଶ୍ୱାସବର୍ଦ୍ଧକ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଊଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଦୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କର ଈଶ୍ୱରଙ୍କ ଉପରେ ବିଶ୍ୱାସ ଓ ଭରସାର ଉଲ୍ଲେଖ କରି ଗତ **ଖୁତ୍‌ବା**ରେ ମୁଁ ମହାଭାଗଙ୍କ ମକ୍କାରୁ ମଦିନା **ହିଜ୍‌ରତ୍** (ପ୍ରସ୍ଥାନ)ର ଘଟଣାବଳୀ ବର୍ଣ୍ଣନା କରିଥିଲି । ଏହି ଯାତ୍ରାର କିଛି ଅଧିକ ବିବରଣୀ ମଧ୍ୟ ଇତିହାସରେ ଉଲ୍ଲେଖ ରହିଛି, ଯହିଁରୁ ହୁଜୁର[ସ.ଅ]ଙ୍କ **ତୱକ୍କୁଲ୍** (ଭରସା)ର ମହାନତା ଆହୁରି ସ୍ୱଷ୍ଟ ଭାବେ ପ୍ରକାଶ ପାଏ । **ହିଜ୍‌ରତ୍** ସମୟରେ କୁରୈଶମାନଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ପୁରସ୍କାର ଲୋଭରେ ସୁରାକା ବିନ୍ ମାଲିକ୍ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଓ ହଜରତ ଅବୁବକର୍[ର.ଅ]ଙ୍କର ପିଛା କରିଥିଲା । ସୁରାକା ପରବର୍ତ୍ତୀ ସମୟରେ ଇସଲାମ ଧର୍ମ ଗ୍ରହଣ କରି ନେଇଥିଲେ ଓ ସେ ନିଜେ ଏହି ଘଟଣା ବର୍ଣ୍ଣନା କରିଛନ୍ତି । ତାଙ୍କ କହିବା ଅନୁସାରେ କୁରୈଶମାନେ ହଜରତ ମୁହମ୍ମଦ[ସ.ଅ] ଓ ହଜରତ ଅବୁବକର୍[ର.ଅ]ଙ୍କୁ ଜୀବନ୍ତ କିମ୍ବା ମୃତ ଧରି ଆଣିବା ବ୍ୟକ୍ତି ପାଇଁ ଶହେ-ଶହେ ଓଟ ପୁରସ୍କାର ଧାର୍ଯ୍ୟ କରିଥିଲେ । ସୁରାକା ଯେତେବେଳେ ଜାଣିବାକୁ ପାଇଲେ ଯେ ସମୁଦ୍ରକୂଳ ଆଡ଼କୁ ତିନି ଜଣିଆ ଏକ ଯାତ୍ରୀଦଳ ଯାଉଛନ୍ତି ଓ ଅଧିକ ସମ୍ଭାବନା ରହିଛି ଯେ ଏହି ଦଳ ମୁହମ୍ମଦ[ସ.ଅ] ଓ ତାଙ୍କ ସାଥୀମାନଙ୍କର, ସେତେବେଳେ ସେ ଏହି ଖବରକୁ ଲୁଚାଇ ଦେଲେ ଯେପରି ପୁରସ୍କାରରେ ଅନ୍ୟ କେହି ଭାଗୀଦାର ନହେଉ ।

ସୁରାକା ନିଜର ଦ୍ରୁତଗାମୀ ଘୋଡ଼ି ମଗାଇ ଯାତ୍ରୀ ଦଳର ପିଛା କରିବା ଆରମ୍ଭ କଲେ । ସେ ଖୁବ୍ ଶୀଘ୍ର ଯାତ୍ରୀ ଦଳର ନିକଟତର ହୋଇଗଲେ । ଏପରିକି ତାଙ୍କୁ ହଜରତ ମୁହମ୍ମଦ[ସ.ଅ]ଙ୍କର ପବିତ୍ର କୁରଆନ ପାଠ କରିବାର ସ୍ୱର ମଧ୍ୟ ଶୁଣାଯିବାକୁ ଲାଗିଲା । ହଜରତ ଅବୁବକର୍[ର.ଅ] ବାରମ୍ବାର ପଛକୁ ବୁଲି ଦେଖୁଥିଲେ, କିନ୍ତୁ ହଜରତ ମୁହମ୍ମଦ[ସ.ଅ] ଏଣେତେଣେ ଦେଖୁ ନଥିଲେ । ସୁରାକାଙ୍କ ଘୋଡ଼ି ଅଭାବନୀୟ ଭାବେ ଝୁଣ୍ଟି ପଡିଲା ଓ ତା'ର ଗୋଡ଼ ବାଲିରେ ପୋତି ହୋଇଗଲା । ସେ ଭାଗ୍ୟଫଳ ବାହାର କଲେ, ଯାହା ତାଙ୍କ ଇଚ୍ଛାର ପ୍ରତିକୂଳ ବାହାରିଲା । କିନ୍ତୁ ପୁରସ୍କାର ଲୋଭରେ ସେ ଆଗକୁ ବଢ଼ିବାରେ ଲାଗିଲେ । ଶେଷରେ ଘୋଡ଼ିର ଗୋଡ଼ ପୁଣି ବାଲିରେ ଗଭୀର ଭାବରେ ପୋତି ହୋଇଗଲା ଓ ସୁରାକା ଅନୁଭବ କଲେ ଯେ ଏହି ପିଛା କରିବାରେ କୌଣସି ମଙ୍ଗଳ ନାହିଁ । ଏହାପରେ ସୁରାକା ଆଶ୍ରୟ ପାଇଁ ନିବେଦନ କଲେ ଓ କହିଲେ, ଯେ ତାଙ୍କ ପକ୍ଷରୁ କୌଣସି କ୍ଷତି ପହଞ୍ଚିବ ନାହିଁ । ହଜରତ ମୁହମ୍ମଦ[ସ.ଅ] ହଜରତ ଅବୁବକର୍[ର.ଅ]ଙ୍କୁ କହିଲେ; ତାଙ୍କୁ ପଚାର ସେ କ'ଣ ଚାହାନ୍ତି । ସୁରାକା ନିଜର ପିଛା କରିବାର ଉଦ୍ଦେଶ୍ୟ ବର୍ଣ୍ଣନା କଲେ ଏବଂ କହିଲେ; ଯେ ମକ୍କାବାସୀ ଆପଣ ଦୁହିଁଙ୍କ ପାଇଁ ପୁରସ୍କାର ଧାର୍ଯ୍ୟ କରିଛନ୍ତି, ସେ ସେହି ଲୋଭରେ ମୁଁ ଘରୁ ବାହାରି ଥିଲି । କିନ୍ତୁ ତାଙ୍କ ସହିତ ଯାହା ଘଟିଲା, ସେଥିରୁ ସେ ବୁଝିଗଲେ ଯେ ଏହି ପିଛା କରିବା ଠିକ୍ ନୁହେଁ । ସେ ଯାତ୍ରା ପାଇଁ ଖାଦ୍ୟ ଓ ଅନ୍ୟ ସାମଗ୍ରୀ (ଯୋଗାଇ ଦେବା)ର ପ୍ରସ୍ତାବ ମଧ୍ୟ ଦେଲେ, କିନ୍ତୁ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ତାହା ଗ୍ରହଣ କଲେ ନାହିଁ । କେବଳ ଏତିକି କହିଲେ; ଆମ ବିଷୟରେ କାହାକୁ କିଛି

କହିବ ନାହିଁ । ସୁରାକା ଏହି ପ୍ରତିଶ୍ରୁତି ଦେଲେ ଓ **ଅମାନ୍** (ସୁରକ୍ଷା-ପତ୍ର) ଲିଖନ ପାଇଁ ନିବେଦନ କଲେ । ହଜରତ ମୁହମ୍ମଦ[ସ.ଅ]ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ସୁରକ୍ଷା-ପତ୍ର ପ୍ରଦାନ କରାଗଲା ।

ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ଫେରିବା ସମୟରେ ହଜରତ ମୁହମ୍ମଦ[ସ.ଅ] ସୁରାକାକୁ ସମ୍ବୋଧନ କରି କହିଲେ; ହେ ସୁରାକା! ସେତେବେଳେ ତୁମର ଅବସ୍ଥା କ'ଣ ହେବ ଯେତେବେଳେ କିସ୍ରା (ପାରସ୍ୟ) ଦେଶର ସମ୍ରାଟଙ୍କ କଙ୍କଣ ତୁମ ହାତରେ ହେବ? ସୁରାକା ଆଶ୍ଚର୍ଯ୍ୟ ଚକିତ ହୋଇ ପଚାରିଲେ, "କିସ୍ରା ବିନ୍ ହୁର୍ମୁଜ୍?" ମହାଭାଗ କହିଲେ; "ହଁ ସେହି କିସ୍ରା ବିନ୍ ହୁର୍ମୁଜ୍?" ହଜରତ ଉମର[ର.ଅ]ଙ୍କ **ଖିଲାଫତ୍** କାଳରେ ଯେତେବେଳେ ପାରସ୍ୟର କଙ୍କଣ, ମୁକୁଟ ଓ ଅଣ୍ଟାବନ୍ଧା ଅଣାଗଲା ସେତେବେଳେ ହଜରତ ଉମର[ର.ଅ] ସୁରାକାଙ୍କୁ ଡ଼ାକିଲେ ଓ ତାଙ୍କୁ ସେହି କଙ୍କଣ ପିନ୍ଧାଇଲେ ଏବଂ କହିଲେ; କୁହ ସମସ୍ତ ପ୍ରଶଂସା ସେହି ସର୍ବଶକ୍ତିମାନ ଅଲ୍ଲାହ୍‌ଙ୍କ ସକାଶେ ଉଦ୍ଦିଷ୍ଟ, ଯିଏ କିସ୍ରା ବିନ୍ ହୁର୍ମୁଜ୍ ଠାରୁ ଏହି ଦୁଇଟି ଜିନିଷ ଛଡାଇ ଆଣି ତୁମକୁ ପ୍ରଦାନ କଲେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଉପାୟର ଆୟୋଜନ ଓ ବ୍ୟବହାର ଏବଂ ତା'ପରେ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବା, ଏଗୁଡ଼ିକ ଅତ୍ୟାବଶ୍ୟକ ହଜରତ ମୁହମ୍ମଦ[ସ.ଅ]ଙ୍କ **ତଓ୍ୱକ୍କୁଲ୍**ର ଉଲ୍ଲେଖ କରି ଏହି ତଥ୍ୟକୁ ହଜରତ ମୁସଲେହ୍ ମଉଦ[ର.ଅ] ଏହିପରି ବର୍ଣ୍ଣନା କରିଛନ୍ତି, ଯେ ଯେଉଁ ବ୍ୟକ୍ତିଙ୍କର ଈଶ୍ୱରଙ୍କ ସତ୍ତା ଉପରେ ଦୃଢ଼ ବିଶ୍ୱାସ ରହିଛି । **ତା' ସହିତ ଏହି ବିଶ୍ୱାସ ମଧ ରଖୁଥିବ ଯେ ଈଶ୍ୱର ମୋତେ ଏକ ବିଶେଷ ଉଦ୍ଦେଶ୍ୟ ପାଇଁ ସୃଷ୍ଟି କରିଛନ୍ତି । ତେବେ ସେ କର୍ମରୁ କିପରି ବିମୁଖ ହୋଇପାରିବ?** ସେ ତ ସବୁଠାରୁ ଅଧିକ କର୍ମଶୀଳ ହୋଇଥାଏ । ହଜରତ ମୁହମ୍ମଦ[ସ.ଅ]ଙ୍କ କର୍ମସମୂହ ତାଙ୍କର ଈଶ୍ୱର-ବିଶ୍ୱାସ ଯୋଗୁଁ ଥିଲା । କାରଣ ଯେଉଁ ବ୍ୟକ୍ତି ବୁଝେ ଯେ ଜଣେ ଈଶ୍ୱର ବିଦ୍ୟମାନ ଓ ସେ ମୋତେ ଏକ ବିଶେଷ ଉଦ୍ଦେଶ୍ୟ ପାଇଁ ସୃଷ୍ଟି କରିଛନ୍ତି, ସେ ସେହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ପ୍ରଚେଷ୍ଟା ମଧ କରେ । ଏଣୁ ଦେଖନ୍ତୁ ମୁହମ୍ମଦ[ସ.ଅ]ଙ୍କ ଯେଉଁଠାରେ ନିଜ ବିଶ୍ୱାସର ପରିପ୍ରକାଶ କରନ୍ତି, ହଜରତ ମୁହମ୍ମଦ[ସ.ଅ] ସୌର ଗୁମ୍ଫାରେ ବସି ହଜରତ ଅବୁବକର୍[ର.ଅ]ଙ୍କୁ କହନ୍ତି; 'ହେ ଅବୁବକର୍! ବ୍ୟସ୍ତ ହୁଅ ନାହିଁ, ଈଶ୍ୱର ଆମ ସହିତ ଅଛନ୍ତି ଓ ସେ ହିଁ ଆମର ରକ୍ଷାକର୍ତ୍ତା ।' ସେହିପରି ଧର୍ମର ଅନ୍ୟାନ୍ୟ କାର୍ଯ୍ୟରେ ଦିନରାତି ଏପରି ନିୟୋଜିତ ରହନ୍ତି, ଯେ ଯେପରି ପ୍ରତୀତ ହୁଏ ସମଗ୍ର ସୃଷ୍ଟିର କାର୍ଯ୍ୟଭାର ପୁଣ୍ୟଶ୍ଳୋକଙ୍କୁ ହିଁ ଅର୍ପଣ କରି ଦିଆଯାଇଛି ।

ସୁତରାଂ ଯେତେଦୂର ମାନବୀୟ କୌଶଳ ହୁଜୁର[ସ.ଅ] କରିପାରୁଥିଲେ ସେତେଦୂର ସମସ୍ତ ଉପାୟ ଅବଲମ୍ବନ କରୁଥିଲେ । ତା'ପରେ ଈଶ୍ୱରଙ୍କ ଉପରେ ଭରସା କରୁଥିଲେ, ଏଣୁ ମହାଭାଗଙ୍କ **ଇମାନ୍** ଅଜ୍ଞତା କିମ୍ବା ଆଳସ୍ୟର ବିଶ୍ୱାସ ନଥିଲା, ବରଂ ମହାଭାଗଙ୍କ ବିଶ୍ୱାସ ପ୍ରତ୍ୟକ୍ଷ ଅନୁଭୂତିର ବିଶ୍ୱାସ ଥିଲା । **ପ୍ରତ୍ୟକ୍ଷ ଅନୁଭୂତିର ବିଶ୍ୱାସ ସେହି ବ୍ୟକ୍ତିର ହିଁ ହୋଇଥାଏ ଯିଏ ଏକା ସମୟରେ ତଓ୍ୱକ୍କୁଲ୍ ମଧ କରେ ଓ କର୍ମ ମଧ କରେ** । ଅର୍ଥାତ୍ କର୍ମ ଓ ଭରସା ଉଭୟଙ୍କୁ ଏକାଠି ରଖେ । ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ସେହି ମହାବିପତ୍ତି ସମୟ ଯାହା ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ]ଙ୍କ ଉପରେ ପବିତ୍ର ମକ୍କା ସହରରେ ଦୀର୍ଘ ତେର ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ରହିଥିଲା, ସେହି ଅବଧିର ଇତିହାସ ଅଧ୍ୟୟନ କରିବା ଦ୍ୱାରା ପୂର୍ଣ୍ଣ ସତ୍ୟବାଦୀର ଉଚ୍ଚ ନୈତିକତା ଜଣା ପଡିଥାଏ । ମହାଭାଗ ଅଲ୍ଲାହ୍‌ତାଲାଙ୍କ ଉପରେ ଭରସା ରଖି, ଅଧୈର୍ଯ୍ୟତାରୁ ଦୂରେଇ ରହି ନିଜ କାର୍ଯ୍ୟରେ କୌଣସି ଅବହେଳା କଲେ ନାହିଁ ଏବଂ କାହାରି ଭୟରେ ଭୟଭୀତ ହେଲେ ନାହିଁ । ଅବିଶ୍ୱାସୀମାନେ ମଧ ମହାଭାଗଙ୍କ ଦୃଢ଼ତା ଦେଖି ଏହି କଥାର ସାକ୍ଷ୍ୟ ଦେବାକୁ ବାଧ ହେଲେ ଯେ ଏପରି ଦୃଢ଼ତା ଓ କଷ୍ଟ ସହ୍ୟ କରିବା ପୂର୍ଣ୍ଣ ଈଶ୍ୱର-ବିଶ୍ୱାସ ବିନା ସମ୍ଭବ ନୁହେଁ । ମଦିନା ଆଗମନ ପରେ ମଧ ହଜରତ ମୁହମ୍ମଦ[ସ.ଅ] **ତଓ୍ୱକ୍କୁଲ୍** ସହିତ ବାହ୍ୟ ଉପାୟମାନ ଅବଲମ୍ବନ କରିଥିଲେ ।

ହଜରତ ଉବେ ବିନ୍ କାବ୍[ର.ଅ]ଙ୍କ ଠାରୁ ବର୍ଣ୍ଣିତ, ଯେତେବେଳେ ହୁଜୁର[ସ.ଅ] ଓ ସାହାବାମାନେ ମଦିନା ଆସିଲେ ଏବଂ ଅନସାର୍‌ମାନେ ସେମାନଙ୍କୁ ଆଶ୍ରୟ ଦେଲେ ସେତେବେଳେ ସମଗ୍ର ଆରବ ତାଙ୍କ ମୁକାବିଲା କରିବାକୁ ଏକାଠି ହୋଇଗଲେ । ମୁସଲମାନମାନଙ୍କର ଅବସ୍ଥା ଏପରି ଥିଲା ଯେ ସେମାନେ ଅସ୍ତ୍ରଶସ୍ତ୍ର ବିନା ନା ରାତି ବିତାଉ ଥିଲେ, ଆଉ ନା ସକାଳ କରୁଥିଲେ । ଈଶ୍ୱରଙ୍କ ଉପରେ ଭରସା କରିବା ସହିତ ସର୍ବଦା ନିଜ ସୁରକ୍ଷାର ମଧ ବ୍ୟବସ୍ଥା

କରୁଥିଲେ । ହଜରତ ଆୟେଶା[ରା.ଅ] ବର୍ଣ୍ଣନା କରନ୍ତି, ଗୋଟିଏ ରାତିରେ ରସୁଲୁଲ୍ଲାଃ[ସ.ଅ] ଜାଗ୍ରତ ରହିଲେ ଓ କହିଲେ; ମୋ ସାଥୀମାନଙ୍କ ମଧ୍ୟରୁ କେହି ଜଣେ ଆଜି ରାତିରେ ମୋର ପହରା ଦିଅନ୍ତା କି! ଏତିକିବେଳେ ଅସ୍ତ୍ରଶସ୍ତ୍ରର ଶବ୍ଦ ଶୁଣାଗଲା । ପଚାରିବାରୁ ସାଦ୍ ବିନ୍ ଅବି ଓ୍ୱକାଶ[ରା.ଅ] ଉତ୍ତର ଦେଲେ, ହୁଜୁର ମୁଁ ଆପଣଙ୍କ ସୁରକ୍ଷା ପାଇଁ ଆସିଛି । ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ସାଦ୍ ଓ ହୁଜୈଫା[ରା.ଅ] ଆସିବାର ଉଲ୍ଲେଖ ରହିଛି । ଅତଃ ହୁଜୁର[ସ.ଅ] ଦୁଆ କଲେ ଓ ଶୋଇ ପଡିଲେ । ଏହି ସମୟରେ ଏହି ଆୟତ ଅବତୀର୍ଣ୍ଣ ହେଲା- **ଓ୍ୱଲ୍ଲାଃହୁ ୟାସିମୁକା ମିନନ୍ ନାସ୍** ଅର୍ଥାତ୍ ଅଲ୍ଲାଃ ତୁମକୁ ଲୋକମାନଙ୍କ କବଳରୁ ସୁରକ୍ଷିତ ରଖିବେ । ତହୁଁ ମହାଭାଗ ସେମାନଙ୍କୁ କହିଲେ; ହେ ଲୋକମାନେ! ତୁମେ ଫେରିଯାଅ, ଈଶ୍ୱର ମୋ ସୁରକ୍ଷାର ଦାୟିତ୍ୱ ସ୍ୱୟଂ ନେଇଛନ୍ତି । ଏଥିରୁ ଜଣା ପଡିଲା ଯେ ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ନିକଟରୁ ଅଶ୍ୱାସନା ମିଳି ନଥିଲା, ମହାଭାଗ ପ୍ରକାଶ୍ୟ ସୁରକ୍ଷାର ବ୍ୟବସ୍ଥା ରଖିଥିଲେ ଏବଂ ଯେତେବେଳେ ଈଶ୍ୱରଙ୍କ ପକ୍ଷରୁ ସୁରକ୍ଷାର ନିଶ୍ଚିତତା ମିଳିଗଲା ସେତେବେଳେ ମହାଭାଗ (ସାହାବାଙ୍କୁ) ପହରା ଦେବାକୁ ମନା କରିଦେଲେ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେତେବେଳେ ହୁଜୁର[ସ.ଅ] ବିଭିନ୍ନ ରାଜାମାନଙ୍କୁ ଧର୍ମ ପ୍ରଚାରର ପତ୍ର ପ୍ରେରଣ କଲେ ସେତେବେଳେ କିସ୍ରାର ସମ୍ରାଟ ମହାଭାଗଙ୍କ ପତ୍ରକୁ ଅହଂକାର ବଶତଃ ଟୁକୁଡା ଟୁକୁଡା କରିଦେଲା । ହୁଜୁର[ସ.ଅ]ଙ୍କୁ ଯେତେବେଳେ ଏହିକଥାର ସୂଚନା ମିଳିଲା ସେତେବେଳେ ପୁଣ୍ୟଶ୍ଳୋକ ସମ୍ପୂର୍ଣ୍ଣ **ତଓ୍ୱକ୍କୁଲ୍**ର ସହିତ କହିଲେ; ଈଶ୍ୱର ନିଜେ ଏହି ଲୋକମାନଙ୍କୁ ଖଣ୍ଡ ଖଣ୍ଡ କରିଦେବେ । ବସ୍ତୁତଃ କିସ୍ରାର ସମ୍ରାଟ ୟମନ୍‌ର ଶାସକଙ୍କ ମାଧ୍ୟମରେ ଆପଣଙ୍କୁ ଗିରଫ କରିବା ପାଇଁ ଦୁଇଜଣ ସୈନିକ ପଠାଇଲା । ସେମାନେ ହୁଜୁର[ସ.ଅ]ଙ୍କୁ ନିଜ ସ୍ୱାମୀଙ୍କ ଆଦେଶ ବିଷୟରେ ଅବଗତ କଲେ, କିନ୍ତୁ ମହାଭାଗ କୌଣସି ଭୟ ପ୍ରକାଶ କଲେ ନାହିଁ । ବରଂ କହିଲେ; ଆଜି ରାତିରେ ଏଠାରେ ରୁହ, କାଲି ମୁଁ ତୁମକୁ ଉତ୍ତର ଦେବି । ପରଦିନ ସକାଳେ ହୁଜୁର[ସ.ଅ] ସେମାନଙ୍କୁ ଫେରିଯିବାକୁ କହି ସୂଚନା ଦେଲେ, ଆଜି ରାତିରେ ମୋର ପ୍ରଭୁ ତୁମର ପ୍ରଭୁ ଅର୍ଥାତ୍ କିସ୍ରାର ସମ୍ରାଟକୁ ହତ୍ୟା କରିଦେଇଛନ୍ତି । ପରବର୍ତ୍ତୀ ସମୟରେ ଜଣା ପଡିଲା ଯେ ସେହି ରାତିରେ ଖୁସ୍ରୋ ପରଭେଜ୍‌କୁ ତା'ର ପୁତ୍ର ଶୀରାଓ୍ୱେୟ (ସାଇରସ୍) ବଧ କରି ଦେଇଥିଲା । ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ] ଯୁଦ୍ଧ ପାଇଁ ମଧ୍ୟ ପୂର୍ଣ୍ଣ ଭରସା ସହିତ ଈଶ୍ୱରଙ୍କ ଆଜ୍ଞାରେ ଯାଉଥିଲେ ଓ ପ୍ରସ୍ଥାନ ସମୟରେ ପ୍ରାର୍ଥନା କରୁଥିଲେ, ହେ ପ୍ରଭୁ! ତୁମେ ମୋର ବାହୁ, ତୁମେ ମୋର ସାହାଯ୍ୟକାରୀ ଓ ମୁଁ ତୁମ ମାଧ୍ୟମରେ ହିଁ ଯୁଦ୍ଧ କରୁଛି ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ମଣିଷକୁ ବିପଦ ଆପଦ ସମୟରେ ଯଦିଓ ବ୍ୟାକୁଳତା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥାଏ, ତଥାପି ଈଶ୍ୱର-ବିଶ୍ୱାସକୁ କେବେହେଲେ ହାତଛଡ଼ା କରିବା ଉଚିତ୍ ନୁହେଁ । ହଜରତ ମୁହମ୍ମଦ[ସ.ଅ]ଙ୍କୁ ମଧ୍ୟ ବଦର୍ ଯୁଦ୍ଧ ସମୟରେ ପ୍ରବଳ ବ୍ୟାକୁଳତା ହୋଇଥିଲା । ଅତଏବ ସେ ଆକୁଳ ଗୁହାରୀ କରୁଥିଲେ, ହେ ମୋର ପ୍ରଭୁ! ଯଦି ତୁମେ ଏହି ଦଳକୁ ବିନାଶ କରିଦିଅ, ତେବେ ପୃଥିବୀରେ ତୁମର ଉପାସନା କେବେହେଲେ କରାଯିବ ନାହିଁ । ହୁଜୁର[ସ.ଅ]ଙ୍କର ଏହି ବ୍ୟାକୁଳତା କେବଳ ମାନବୀୟ ପ୍ରବୃତ୍ତିଗତ ଥିଲା । କାରଣ ଅନ୍ୟ ପଟରେ **ତଓ୍ୱକ୍କୁଲ୍**କୁ ମହାଭାଗ ଆଦୌଁ ହାତଛଡା କରି ନଥିଲେ, ଆକାଶ ଆଡ଼କୁ ଦୃଷ୍ଟି ଥିଲା ଓ ନିଶ୍ଚିତ ବିଶ୍ୱାସ ଥିଲା ଯେ ଈଶ୍ୱର ମୋତେ କଦାପି ନଷ୍ଟ ହେବାକୁ ଦେବେ ନାହିଁ । ନିରାଶା କିମ୍ୱା ହତାଶାକୁ ପାଖକୁ ଆସିବାକୁ ଦେଇ ନଥିଲେ । **ଏପରି ବ୍ୟାକୁଳତା ଆସିବା ମାନବୀୟ ସ୍ୱଭାବ, ନୈତିକତା ଓ ଆଧ୍ୟାତ୍ମିକ ସ୍ତରର ପୂର୍ଣ୍ଣତା ପାଇଁ ଆବଶ୍ୟକ** । କିନ୍ତୁ ମନୁଷ୍ୟକୁ ଆବଶ୍ୟକ ଯେ ସେ ନିରାଶାକୁ ପାଖକୁ ଆସିବାକୁ ନଦେଉ, କାରଣ ନିରାଶା ଓ ହତାଶା ତ ଅବିଶ୍ୱାସୀମାନଙ୍କର ଗୁଣ । ମଣିଷକୁ ନାନା ପ୍ରକାରର ଭାବନା ବ୍ୟାକୁଳତାର ସଂଶୟଗୁଡ଼ିକରେ ପତିତ କରିଥାଏ, କିନ୍ତୁ ବିଶ୍ୱାସ ସେହି ନକାରାତ୍ମକ ଚିନ୍ତାଧାରାକୁ ଦୂର କରିଦିଏ । ମାନବୀୟ ପ୍ରବୃତ୍ତି ବ୍ୟାକୁଳତା କ୍ରୟ କରେ ଓ ବିଶ୍ୱାସ ତାହାକୁ ଦୂର କରେ ।

ଅହଜାବ୍ ଯୁଦ୍ଧରେ ମୁସଲମାନମାନେ ମଦିନାରେ ରହି ଶତ୍ରୁର ମୁକାବିଲା କରିବାକୁ ନିଷ୍ପତ୍ତି ନେଲେ । ଏହା **ତଓ୍ୱକ୍କୁଲ୍**ର ଅଭାବ ଯୋଗୁଁ ନୁହେଁ, ବରଂ ଯୁଦ୍ଧ ରଣନୀତି ଅନ୍ତର୍ଗତ ଥିଲା । ମଦିନା ଚାରି ପାର୍ଶ୍ୱରେ **ଖନ୍ଦକ୍** ଅର୍ଥାତ୍ ଗର୍ତ୍ତ ଖୋଳାଗଲା, ଯେପରି ଶତ୍ରୁର ହଠାତ୍ ଆକ୍ରମଣରୁ ରକ୍ଷା ମିଳିପାରିବ । ମୁସଲମାନମାନେ ଅତ୍ୟନ୍ତ ଦାରିଦ୍ର ଓ କଷ୍ଟ ସତ୍ତ୍ୱେ ଗର୍ତ୍ତ ଖନନ କରିବାରେ ଅଂଶ ଗ୍ରହଣ କଲେ । ଅହ୍‌ଜାବ୍ ଯୁଦ୍ଧ ସମୟରେ ହିଁ ହଜରତ ଜାବିର୍ ବିନ୍ ଅବ୍ଦୁଲ୍ଲାଃ

ଅନସାରୀ[ର.ଅ]ଙ୍କ ବର୍ଣ୍ଣନା ମିଳେ, ଯେ ଗର୍ତ୍ତ ଖୋଳିବା ସମୟରେ ଏକ ଶକ୍ତ ପଥର ଆସିଲା ହୁଜୁର[ସ.ଅ] ନିଜେ ତାହାକୁ ଭାଙ୍ଗିବା ପାଇଁ କୋଦାଳ ନେଲେ । ଯଦିଓ କ୍ଷୁଦ୍ଧାର ତୀବ୍ରତା ଯୋଗୁଁ ମହାଭାଗଙ୍କ ପେଟରେ ପଥର ବନ୍ଧା ହୋଇଥିଲା ଓ ହୁଜୁର ତିନିଦିନ ହେଲା କିଛି ଖାଇ ନଥିଲେ । ହଜରତ ଜାବିର୍[ର.ଅ] ଘରକୁ ଯାଇ କିଛି ଯଅ ଓ ଛେଳି ଛୁଆର ବ୍ୟବସ୍ଥା କଲେ । ଖାଦ୍ୟ ପ୍ରସ୍ତୁତ କରି ହୁଜୁର[ସ.ଅ]ଙ୍କୁ ନିମନ୍ତ୍ରଣ କଲେ, କିନ୍ତୁ ହୁଜୁର[ସ.ଅ] ସମସ୍ତ ପ୍ରବାସକାରୀ ଓ ଅନସାର୍‌ମାନଙ୍କୁ ସାଙ୍ଗରେ ନେଇନେଲେ । **ଅଳ୍ପ ଖାଦ୍ୟରେ ଈଶ୍ୱର ଏପରି କଲ୍ୟାଣ କଲେ ଯେ ସମସ୍ତ ସାହାବୀ ତୃପ୍ତ ହୋଇ ଖାଇଲେ** । ବରଂ ଖାଦ୍ୟ ବଳି ମଧ୍ୟ ପଡିଲା, ମହାଭାଗ ହଜରତ ଜାବିର୍[ର.ଅ]ଙ୍କ ପତ୍ନୀଙ୍କୁ କହିଲେ; ବର୍ତ୍ତମାନ ଏହାକୁ ନିଜେ ଖାଅ ଓ (ଅନ୍ୟମାନଙ୍କୁ) ଉପହାର ସ୍ୱରୂପ ବି ପଠାଅ । କାରଣ ଲୋକମାନେ ବହୁତ ଭୋକିଲା ଅଛନ୍ତି ।

ହୁନୈନ୍ ଯୁଦ୍ଧରେ ହଜରତ ବରା ବିନ୍ ଆଜିବ୍[ର.ଅ] ବର୍ଣ୍ଣନା କରନ୍ତି, ମୁସଲମାନମାନେ ଏକ ସମୟରେ ପଛଘୁଞ୍ଚା ଦେଲେ । କିନ୍ତୁ ହୁଜୁର[ସ.ଅ] ଯୁଦ୍ଧକ୍ଷେତ୍ରରୁ ପଛଘୁଞ୍ଚା ଦେଲେ ନାହିଁ । ମହାଭାଗ ନିଜର ଧଳା ଖଚର ଉପରେ ଆରୋହଣ କରିଥିଲେ ଏବଂ ହଜରତ ଅବୁ ସୁଫୟାନ ବିନ୍ ହାରିସ୍ ବିନ୍ ଅବ୍ଦୁଲ୍ ମୁତଲିବ୍ ତାର ଲଗାମ ଧରିଥିଲେ । ହୁଜୁର[ସ.ଅ] ଏହି ଉକ୍ତି ପଢୁଥିଲେ اَنَا النَّبِیُّ لَا کَذِب اَنَا ابْنُ عَبْدِ الْمُطَّلِب ଅର୍ଥାତ୍ ମୁଁ ଜଣେ ନବୀ ଓ ଏଥିରେ ତିଳେ ମାତ୍ର ମିଥ୍ୟା ନାହିଁ, ମୁଁ ଅବ୍ଦୁଲ୍ ମୁତଲିବଙ୍କର ନାତି । ଦେଖ ବଦର୍ ଯୁଦ୍ଧ ସମୟରେ ହବିବ୍ ବିନ୍ ୟସାଫ୍ ନାମକ ଜଣେ ଶକ୍ତିଶାଳୀ ଓ ସାହସୀ ବ୍ୟକ୍ତି ମୁସଲମାନମାନଙ୍କ ସହିତ ଯୁଦ୍ଧରେ ସାମିଲ ହେବା ପାଇଁ ଚାହୁଁଥିଲେ । କିନ୍ତୁ ସେତେବେଳେ ପର୍ଯ୍ୟନ୍ତ ସେ ମୁସଲମାନ ହୋଇ ନଥିଲେ, ତେଣୁ ହୁଜୁର[ସ.ଅ] କହିଲେ; **ଆମ ସହିତ କେବଳ ସେହି ବ୍ୟକ୍ତି ଯୁଦ୍ଧକୁ ଯିବ ଯିଏ ଆମ ଧର୍ମର ହୋଇଥିବ** । ହବିବ୍ ପୁନର୍ବାର ଆସିଲେ ଓ ତୃତୀୟ ଥର ଆସିଲେ । ଶେଷରେ ଯେତେବେଳେ ମହାଭାଗ ପଚାରିଲେ କ'ଣ ତୁମେ ଈଶ୍ୱର ଓ ତାଙ୍କ ରସୁଲଙ୍କ ଉପରେ ବିଶ୍ୱାସ ଆଣୁଛ ? ସେ ଉତ୍ତର ଦେଲେ ଓ ମୁସଲମାନ ହୋଇଗଲେ ତଥା ଅତ୍ୟନ୍ତ ସାହସର ସହିତ ଯୁଦ୍ଧରେ ଅଂଶଗ୍ରହଣ କଲେ । ଏଥିରୁ ଜଣାପଡେ ଯେ ଅତି ଆବଶ୍ୟକ ସତ୍ତ୍ୱେ ପବିତ୍ର ଅବତାର[ସ.ଅ] ଅଣମୁସଲମାନର ସାହାଯ୍ୟ ନେଉ ନଥିଲେ, ବରଂ ଈଶ୍ୱରଙ୍କ ପ୍ରତିଶ୍ରୁତି ଉପରେ ମହାଭାଗଙ୍କର ଅଟଳ ବିଶ୍ୱାସ ରହିଥିଲା ।

ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଆଜିକାଲିର ବୁଦ୍ଧିମାନ ଲୋକମାନଙ୍କ ଦୃଷ୍ଟିରେ କାହାରିକୁ ନିଜର ଶତ୍ରୁ କରିବା ଏକ ବହୁତ ବଡ ଭୁଲ । କିନ୍ତୁ ସତ କହିବାକୁ ଗଲେ ଏହା ମଧ୍ୟ ସତ୍ୟତାର ଏକ ପ୍ରମାଣ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କାହାକୁ ମଧ୍ୟ ଛାଡ଼ିଲେ ନାହିଁ, ସମସ୍ତଙ୍କ ସହିତ ନିଜ ସମ୍ପର୍କ ବିଗାଡ଼ି ଦେଲେ । ସେହି ଲୋକମାନଙ୍କ ନଜରରେ **ନଉଜୁବିଲ୍ଲାଃ** ମହାଭାଗ ଭୁଲ କରିଥିଲେ । କିନ୍ତୁ କେବଳ ଈଶ୍ୱରଙ୍କ ପାଇଁ ସମସ୍ତଙ୍କ ସହିତ ଶତ୍ରୁତାକୁ ସ୍ୱୀକାର କରିନେଲେ । ଏହା ପୁଣ୍ୟଶ୍ଳୋକଙ୍କ ସତ୍ୟତାର ଏକ ଜ୍ୱଳନ୍ତ ପ୍ରମାଣ ଯାହା ଦ୍ୱାରା ତାଙ୍କ ଦୃଢ଼ ବିଶ୍ୱାସ ଶକ୍ତିର ଅବସ୍ଥା ଜଣାପଡେ । اَللّٰھُمَّ صَلِّ عَلٰی مُحَمَّدٍ وَّعَلٰی اٰلِ مُحَمَّدٍ وَّبَارِکْ وَسَلِّمْ اِنَّکَ حَمِیْدٌ مَّجِیْدٌ

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟ୍ୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

18th September 2026

*Translated to Odia by :* Moulavi Anwar Ahmad Khan